# ହରିନାମ ଦୀକ୍ଷାର ପୂର୍ବାନୁଶୀଳନ

୧. ଶ୍ରୀଗୁରୁଙ୍କ ଚରଣାଶ୍ରୟର ମାନପତ୍ର ଛଅମାସ ବା ତା ଆଗରୁ ସଂଗ୍ରହ କରିବାକୁ ହୁଏ ।
୨. ଗୋଟିଏ ବର୍ଷ ବା ତା'ଠାରୁ ବେଶୀ ଚାରୋଟି ନିୟମ ଯଥା-ଆମିଷ ଆହାର (ମାଛ, ମାଂସ, ଅଣ୍ଡା, ପିଆଜ, ରସୁଣ, ଛତୁ, ମସୁର ଡ଼ାଲି), ନିଶା (ବିଡ଼ି, ପାନ, ତମାଖୁ, ଚା, କଫି, ମଦ) ଦ୍ୟୁତକ୍ରୀଡ଼ା (ତାସ, ପଶା, ଲଟାରୀ, ଜୁଆ) ଏବଂ ଅବୈଧ ଯୌନସଙ୍ଗ ଆଦି ବର୍ଜନରେ ପ୍ରତିଜ୍ଞାବଦ୍ଧ ହେବା ଦରକାର ।
୩. ଏକବର୍ଷ ନିୟମିତ ଭାବରେ ୧୬ମାଳା ହରେକୃଷ୍ଣ ମହାମନ୍ତ୍ର ଜପ ଅଭ୍ୟାସ କରିବା ଦରକାର ।
୪. ନିୟମିତ ଭାବରେ ସୂର୍ଯ୍ୟୋଦୟର ପୂର୍ବରୁ ସ୍ନାନ କରି ବା ଶୁଦ୍ଧତା ବଜାଇ ରଖି ମଙ୍ଗଳ ଆରତୀ କରିବା ବା ମଙ୍ଗଳ ଆରତୀରେ ଯୋଗଦାନ କରିବା ।
୫. ଭଗବାନ ଶ୍ରୀକୃଷ୍ଣଙ୍କୁ ଭୋଗ ନିବେଦନ କରି ପ୍ରସାଦ ସେବା କରିବା (ରନ୍ଧନକାରୀ ଦୀକ୍ଷିତ ବା ଆଚରଣଶୀଳ ହୋଇଥିବେ ଏବଂ ଆମିଷ ବିକିବା, କିଣିବା, ରାନ୍ଧିବା, ପରିବେଷଣ କରିବା, ଖାଇବା, ବାସନ ଧୋଇବା, ଉଚ୍ଛିଷ୍ଟ ସ୍ଥାନ ପୋଛିବା ଓ ଧରିବା ଆଦି କୌଣସି କାର୍ଯ୍ୟ କରୁ ନ ଥିବା ଦରକାର) ।
୬. ନିଜ ଗୁରୁଦେବଙ୍କର ଏବଂ ଶ୍ରୀଲ ପ୍ରଭୁପାଦଙ୍କର ପ୍ରଣାମ ମନ୍ତ୍ର ଓ ନାମ ଜାଣିବା ଦରକାର ।
୭. ସିଂହାସନରେ ଗୁରୁପରମ୍ପରା ସଜାଇ ରଖିବା ଏବଂ ସେମାନଙ୍କର ନାମ ଜାଣିବା ଦରକାର ।
୮. ବିଷ୍ଣୁ ତିଲକ ଧାରଣର ସ୍ଥାନ ଓ ବିଷ୍ଣୁନାମ ଗୁଡ଼ିକ ଜାଣି, ନିୟମିତ ତିଲକ ଧାରଣ କରିବା ।
୯. କମ୍ ପକ୍ଷେ ସପ୍ତାହରେ ଗୋଟିଏ ଦିନ ଆପଣଙ୍କର ନିକଟବର୍ତ୍ତୀ ଇସ୍କନ ମନ୍ଦିର ବା ଇସ୍କନ ଅନୁମୋଦିତ ହରେକୃଷ୍ଣ ନାମହଟ୍ଟ ସଂଘରେ ଯୋଗଦାନ କରନ୍ତୁ । ଏବଂ କିଛି ସେବା କରିବା ପାଇଁ ଚେଷ୍ଟା କରିବା ଦରକାର ।
୧୦. ଶ୍ରୀଲ ପ୍ରଭୁପାଦଙ୍କର କେତେ ଗୁଡ଼ିଏ ଗ୍ରନ୍ଥ କମ୍ ପକ୍ଷେ ଥରେ ପାଠ କରି ଶେଷ କରିବାକୁ ହେବ, ଯେମିତି ଭଗବତ୍ ଗୀତା ମୌଳିକ ରୂପରେ, ଶ୍ରୀଲ ପ୍ରଭୁପାଦଙ୍କର ଜୀବନୀ, ମହାପ୍ରଭୁଙ୍କର ଜୀବନୀ ଓ ଶିକ୍ଷା, ଭକ୍ତି ରସାମୃତ ସିନ୍ଧୁର ପ୍ରଥମ ଭାଗ, ଶ୍ରୀମଦ୍ ଭାଗବତ ପ୍ରଥମ ସ୍କନ୍ଧ ।
୧୧. ବୈଷ୍ଣବ ଅପରାଧ ଓ ଅସଙ୍ଗତ ଉପହାସ ଠାରୁ ଦୂରେଇ ଚାଲିବାକୁ ପଡ଼ିବ ।
୧୨. ବୈଷ୍ଣବ ମତ ବିରୋଧୀ କୌଣସ ପେଶା ବା କାର୍ଯ୍ୟ (ଯେମିତି ଆମିଷ ଓ ମାଦକ ଜାତୀୟ ଦ୍ରବ୍ୟର ଚାଷ ବା ବ୍ୟବସାୟ, ରାନ୍ଧିବା, ପରିବେଷଣ ଯଥା-ମାଛ, ମାଂସ, ଅଣ୍ଡା, ଚା, କଫି, ବିଡ଼ି, ଗୁଟୁଖା, ମଦ ଆଦି ଏବଂ ଡ଼ାକ୍ତର ହେଲେ ଭ୍ରୁଣ ହତ୍ୟା ଇତ୍ୟାଦି କରିବା ଉଚିତ ନୁହେଁ ।
୧୩. ଇସ୍କନ ଅନୁମୋଦିତ ଭକ୍ତମାନଙ୍କର ପ୍ରଚାର ଏବଂ ଭାଷଣ ଗ୍ରହଣ କରିବାର ସଂକଳ୍ପ କରନ୍ତୁ ।
୧୪. ନିୟମିତ ଭାବରେ ତୁଳସୀ ବୃକ୍ଷରେ ଜଳଦାନ, ପରିକ୍ରମା ଓ ପ୍ରଣାମ କରନ୍ତୁ ।
୧୫. ଭଗବାନଙ୍କର ଆବିର୍ଭାବତିଥି, ଏକାଦଶୀ ଆଦି ବ୍ରତ, ଶ୍ରୀଗୁରୁ ଓ ବୈଷ୍ଣବଙ୍କର ଆବିର୍ଭାବ ଏବଂ ତିରୋଭାବ ତିଥି ପାଳନ କରିବା ।
୧୬. ନିୟମିତ ଶ୍ରୀ ଗୁରୁଦେବଙ୍କର ଚରଣର ପୁଷ୍ପ ପ୍ରଦାନ କରିବା ।
୧୭. ସଂସାର ଦାବାନଳ, ଶ୍ରୀ ଗୁରୁଚରଣ ପଦ୍ମ, ତୁଳସୀ ଓ ଗୌର – ଆରତୀ କୀର୍ତ୍ତନ ଗୁଡ଼ିକ ଜାଣିବା ଦରକାର ।

୧୮. ମହାପ୍ରଭୁ, ଶ୍ରୀକୃଷ୍ଣ, ରାଧାରାଣୀ, ତୁଳସୀ ଓ ବୈଷ୍ଣବଙ୍କର ପ୍ରଣାମ ମନ୍ତ୍ର ଜାଣିବା ଦରକାର ।

୧୯. ଆରତୀ କରିବାର ପଦ୍ଧତି ଗୁଡ଼ିକ ଜାଣିରଖିବ ।

୨୦. ଯଦି ଗୃହସ୍ଥ ହୁଅନ୍ତି-ଗୃହସ୍ଥ ଜୀବନର ନିୟମ କାନୁନ ଜାଣି, ବ୍ୟକ୍ତିଗତ ଭାବେ ସେଗୁଡ଼ିକ ମାନି ଚଳିବା ଏବଂ କୃଷ୍ଣଭାବନାନୁସାରେ ସନ୍ତାନ ଆଦି ପାଳନ କରିବା ।

୨୧. ସର୍ବଦା ଶୌଚତା ଓ ପବିତ୍ରତା ବଜାଇ ରଖିବା (ମଳତ୍ୟାଗ, କ୍ଷୌର କର୍ମ ନଖକଟା ଇତ୍ୟାଦିରେ ସ୍ନାନ ଓ ମୂତ୍ର ତ୍ୟାଗ ପରେ ପାଣି ନେବା ଓ ପାଦ ହାତ ଧୌତ କରିବା ।

## ହରିନାମ ଦୀକ୍ଷାର ଶାସ୍ତ୍ରୀୟ ଜ୍ଞାନ ଓ ଶିକ୍ଷା

**୧. ସଦ୍‌ଗୁରୁଙ୍କର ଯୋଗ୍ୟତା କ'ଣ କ'ଣ ?**

ଉ: ଶ୍ରୀଗୁରୁଦେବ ପରମ୍ପରା ଧାରାରେ ଥିବେ, କୃଷ୍ଣତତ୍ତ୍ୱବେତ୍ତା ହୋଇଥିବେ, ଶାସ୍ତ୍ରୀୟ ବିଧାନ ଅନୁସାରେ ଆଚାର ଓ ପ୍ରଚାର କରୁଥିବେ ଓ ହରିନାମ ପରାୟଣ ହୋଇଥିବେ ।

**୨. ସଦ୍‌ଗୁରୁଙ୍କ ନିକଟରୁ ହରିନାମ ଦୀକ୍ଷାର ପରେ, କାହା ନିକଟରୁ ପରବର୍ତ୍ତୀ ମନ୍ତ୍ର ଗୁଡ଼ିକ ଗ୍ରହଣ କରିବାକୁ ପଡ଼ିବ ?**

ଉ: ଯେଉଁ ଗୁରୁଙ୍କ ଠାରୁ ହରିନାମ ଦୀକ୍ଷା ଗ୍ରହଣ କରାଯାଏ, ସେହି ଗୁରୁଦେବଙ୍କ ଠାରୁ ପରବର୍ତ୍ତୀ ମନ୍ତ୍ର ଗୁଡ଼ିକ ଗ୍ରହଣ କରିବାକୁ ହେବ ।

**୩. ଗୁରୁଦେବଙ୍କୁ ଭଗବାନଙ୍କ ଭଳି ପୂଜା କରାଯାଏ କାହିଁକି ? ଗୁରୁଦେବ କ'ଣ ଭଗବାନ ?**

ଉ: ଗୁରୁଦେବ ଭଗବାନ ନୁହଁନ୍ତି, ଭଗବାନଙ୍କର ପ୍ରତିନିଧି ଏବଂ ଶ୍ରୀକୃଷ୍ଣଙ୍କର ପ୍ରିୟଜନ, ସେଥିପାଇଁ ତାଙ୍କୁ ଭଗବାନଙ୍କ ଭଳି ପୂଜା କରାଯାଏ ।

**୪. ଭଗବାନଙ୍କ ସଙ୍ଗେ ଏବଂ ଶିଷ୍ୟମାନଙ୍କର ସଂପର୍କ ହିସାବରେ ଗୁରୁଦେବ ନିଜକୁ କି ଭାବରେ ଦେଖନ୍ତି ?**

ଉ: ଭଗବାନଙ୍କର ସଙ୍ଗେ ଶିଷ୍ୟଙ୍କର ସଂପର୍କ ହିସାବରେ ଗୁରୁଦେବ ହେଉଛନ୍ତି ନିତ୍ୟ ସଂଯୋଜକ ।

**୫. ଗୁରୁଦେବ ପରମ ସତ୍ୟ କଥା କୁହନ୍ତି- ଆପଣ କ'ଣ ତାହା ବିଶ୍ୱାସ କରନ୍ତି ? ଏହା କ'ଣ କେବେ ସମ୍ଭବ ଯେ ଭଗବାନ ଶ୍ରୀକୃଷ୍ଣ ୫୦୦୦ବର୍ଷ ପୂର୍ବେ ଯାହା କହିଛନ୍ତି, ଆଜିକାର ଗୁରୁମାନେ ସେହି କଥା କହୁଛନ୍ତି ?**

ଉ: ହଁ, ଗୁରୁଦେବ ପରମ୍ପରା ଧାରାରେ ଅଛନ୍ତି ଏବଂ ସେ ଯାହା କୁହନ୍ତି ତାହା ଗୀତା ଓ ଭାଗବତ ସିଦ୍ଧାନ୍ତ ଅନୁସାରେ କହିଥାନ୍ତି ।

**୬. କେଉଁ ପରିସ୍ଥିତିରେ ଗୁରୁଦେବଙ୍କୁ ପରିତ୍ୟାଗ କରାଯାଇପାରେ ?**

ଉ: ଗୁରୁଦେବ ଯଦି ପାପ କାର୍ଯ୍ୟରେ ଲିପ୍ତ ହୁଅନ୍ତି, ବୈଷ୍ଣବ ନିନ୍ଦୁକ ଓ ଭଗବତ ବିଦ୍ୱେଷୀ ହୋଇପଡ଼ନ୍ତି, ତାହାହେଲେ ତାଙ୍କୁ ପରିତ୍ୟାଗ କରିବା ଉଚିତ ।

**୭. ଜଣେ ଶିଷ୍ୟର ଦାୟିତ୍ୱ ଓ ଯୋଗ୍ୟତା କ'ଣ କ'ଣ ?**

ଉ: ଶିଷ୍ୟର ଯୋଗ୍ୟତା ଓ ଦାୟିତ୍ୱ ହେଉଛି ଶ୍ରୀଗୁରୁଦେବଙ୍କର ପାଦପଦ୍ମରେ ଆତ୍ମ ସମର୍ପଣ କରି, ତାଙ୍କର ଆଦେଶ ଓ ଉପଦେଶ ଅନୁସାରେ କୃଷ୍ଣସେବା କରିବା ।

**୮. ଇସ୍କନରେ ଶ୍ରୀଲ ପ୍ରଭୁପାଦଙ୍କର ଅନୁପମ ପଦ କ'ଣ ? କୁହାଯାଇଛି ଦୀକ୍ଷା ଗ୍ରହଣ ମାଧ୍ୟମରେ ଆମ୍ଭେମାନେ ଗୁରୁପରମ୍ପରାର ସଙ୍ଗେ ଯୁକ୍ତ ହେଉ । ଶ୍ରୀଲ ପ୍ରଭୁପାଦଙ୍କର ଧାରାରେ ସେବା କରିବା ପାଇଁ କ'ଣ ଆପଣ ଦୃଢ଼ନିଷ୍ଠ ? କାହିଁକି ?**

ଉ: ଶ୍ରୀଳ ପ୍ରଭୁପାଦ ହେଉଛନ୍ତି ଇସ୍କନ୍ ର ପ୍ରତିଷ୍ଠାତା ଆଚାର୍ଯ୍ୟ । ଶ୍ରୀଳ ପ୍ରଭୁପାଦଙ୍କର ପ୍ରତିଷ୍ଠିତ ଇସ୍କନ ଦ୍ୱାରା ସମଗ୍ର ପୃଥିବୀରେ ମହାପ୍ରଭୁଙ୍କର ଶିକ୍ଷା ଅନୁଯାୟୀ ପ୍ରଚାର କାର୍ଯ୍ୟ ଚାଲିଛି ଏବଂ ଅନେକ ମନୁଷ୍ୟ ପାରମାର୍ଥିକ ଦିଗରେ ଅଗ୍ରଗତି କରିଛନ୍ତି, ତେଣୁ ମୁଁ ସେବା କରିବା ପାଇଁ ଏକାନ୍ତ ଦୃଢ଼ନିଷ୍ଠ ।

**୯. ଶ୍ରୀକୃଷ୍ଣଙ୍କୁ ପରମେଶ୍ୱର ଭଗବାନ ବୋଲି ଗ୍ରହଣ କରିଛନ୍ତି କାହିଁକି ?**

ଉ: ସମସ୍ତ ବୈଦିକ ଶାସ୍ତ୍ରରେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ପ୍ରତିପନ୍ନ କରାଯାଇଛି ଯେମିତି ଶ୍ରୀମଦ୍ ଭାଗବତରେ–

***ଏତେ ଚାଂଶ କଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ ।***
***ଇନ୍ଦ୍ରାରି ବ୍ୟାକୁଳଂ ଲୋକଂ ମୃଡ଼ୟନ୍ତି ଯୁଗେ ଯୁଗେ ॥***

ଏବଂ ବ୍ରହ୍ମସଂହିତାରେ ଶ୍ରୀ ବ୍ରହ୍ମାଜୀଙ୍କ ଉକ୍ତି–

***ଈଶ୍ୱରଃ ପରମଃ କୃଷ୍ଣ ସଚ୍ଚିଦାନନ୍ଦ ବିଗ୍ରହଃ ।***
***ଅନାଦିରାଦି ଗୋବିନ୍ଦଃ ସର୍ବକାରଣ କାରଣମ୍ ॥***

ପୂର୍ବବର୍ତ୍ତୀ ମହାଜନଗଣ ଶ୍ରୀକୃଷ୍ଣଙ୍କୁ ପରମେଶ୍ୱର ଭଗବାନ ବୋଲି ସ୍ୱୀକାର କରି ଆସିଛନ୍ତି । ସେଇଥିପାଇଁ ମୁଁ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ସ୍ୱୀକାର କରେ ।

**୧୦. କୃଷ୍ଣ ନାମର ମାହାତ୍ମ୍ୟ କ'ଣ ? ଆମ୍ଭେମାନେ 'ହରେ କୃଷ୍ଣ ମହାମନ୍ତ୍ର' ଜପ କରିବା କ'ଣ ପାଇଁ ?**

ଉ: ଏହା ସମସ୍ତ ପାପ ଦୂର କରେ ଓ ସମସ୍ତ କାମନା ପୂରଣ କରେ ଏବଂ କୃଷ୍ଣ ପ୍ରେମ ପ୍ରଦାନ କରେ । ଚିତ୍ତ ରୂପ ଦର୍ପଣ ମାର୍ଜନ କରିବା ପାଇଁ କଳିଯୁଗର ଯୁଗଧର୍ମ 'ହରେକୃଷ୍ଣ ମହାମନ୍ତ୍ର' ଜପ କରୁ ।

**୧୧. ଚାରୋଟି ନିୟମ କ'ଣ ? ତାହା ଆମେ କାହିଁକି ପାଳନ କରୁ ?**

ଉ: ଆମିଷ ଆହାର, ନିଶା ସେବନ, ଦ୍ୟୁତକ୍ରୀଡ଼ା ଓ ଅବୈଧ ଯୌନସଙ୍ଗ ବର୍ଜନ । ଏଇଗୁଡ଼ିକ ହେଉଛି ପାପକର୍ମ । ଏହି ସବୁ ସ୍ଥାନରେ କଳି ଅବସ୍ଥାନ କରେ ଏହି ଚାରୋଟି ପାପ କର୍ମ ତ୍ୟାଗ ନ କଲେ ପାରମାର୍ଥିକ ଉନ୍ନତି ହୁଏନାହିଁ । ସେଇଥି ପାଇଁ ଆମ୍ଭମାନଙ୍କୁ ଚାରୋଟି ନିୟମ ମାନି ଚାଲିବାକୁ ପଡ଼ିବ ।

**୧୨. ଅନ୍ୟାନ୍ୟ ପୁଣ୍ୟ କର୍ମ ନ କରି ହରିନାମ କରୁ କାହିଁକି ? ହରିନାମ ଏବଂ ପୁଣ୍ୟ କର୍ମ ମଧ୍ୟରେ ପାର୍ଥକ୍ୟ କ'ଣ ?**

ଉ: ପୁଣ୍ୟ କର୍ମ ହେଉଛି ବୈଦିକ କର୍ମକାଣ୍ଡର ଅଧୀନ । ଦାନ, ଧ୍ୟାନ, ଯଜ୍ଞ, ସ୍କୁଲ, କଲେଜ, ହସ୍ପିଟାଲ ପ୍ରଭୃତି କରିବା ପୁଣ୍ୟକର୍ମ । ଏହା ଫଳରେ ସ୍ୱର୍ଗସୁଖ ଭୋଗ ହୁଏ, ତାହା ହେଉଛି କ୍ଷଣସ୍ଥାୟୀ । ହରିନାମର ଫଳ ହେଉଛି ନିତ୍ୟ ଓ ସ୍ଥାୟୀ । ନିତ୍ୟ ଭଗବତ୍ ସେବା ପ୍ରାପ୍ତ ହୋଇ ଭଗବତ୍ ଧାମ ଯିବା ହେଉଛି ଏହାର ଫଳ । ସେଇଥିପାଇଁ ଆମ୍ଭମାନଙ୍କର ହରିନାମ ଓ କୃଷ୍ଣସେବା କରିବା ଉଚିତ ।

**୧୩. ଜି.ବି.ସି. ମଣ୍ଡଳୀର ପଦ ଓ ଦାୟିତ୍ୱ କ'ଣ ?**

ଉ: ଜି.ବି.ସି. ହେଉଛି ଇସ୍କନର ପରିଚାଳକ ମଣ୍ଡଳୀ । ସେମାନଙ୍କର ଦାୟିତ୍ୱ ହେଉଛି ଇସ୍କନକୁ ସୁଚାରୁ ରୂପେ ପରିଚାଳନା କରିବା, ପ୍ରଚାର କାର୍ଯ୍ୟ କରିବା ଏବଂ ଭକ୍ତମାନଙ୍କର ପାରମାର୍ଥିକ ଉନ୍ନତି ସାଧନ କରିବା ।

**୧୪. ଦେହ ଓ ଆତ୍ମା ମଧ୍ୟରେ ପାର୍ଥକ୍ୟ ବ୍ୟାଖ୍ୟା କର ?**

ଉ: ଦେହ : ଅନିତ୍ୟ, ଜଡ଼, ନଶ୍ୱର, ଅଚେତନ ଓ ବିନାଶଶୀଳ ।
ଆତ୍ମା: ନିତ୍ୟ, ଶାଶ୍ୱତ, ଚିନ୍ମୟ, ଅବିନଶ୍ୱର, ଚେତନ ଓ ଅବିନାଶୀ ।

**୧୫. ଇସ୍କନ କ'ଣ ? ଆମ୍ଭେ କାହିଁକି ଇସ୍କନର ଆଶ୍ରୟ ଗ୍ରହଣ କରିବା ?**

ଉ: ଇସ୍କନ ହେଉଛି ଆନ୍ତର୍ଜାତିକ କୃଷ୍ଣଭାବନାମୃତ ସଂଘ । ଏହା ଶ୍ରୀମନ୍ ମହାପ୍ରଭୁଙ୍କର ଶିକ୍ଷା ଅନୁସାରେ ଆଚାର ଓ ପ୍ରଚାର କାର୍ଯ୍ୟ କରୁଛି । ଆମ୍ଭମାନଙ୍କର ପାରମାର୍ଥିକ ଉନ୍ନତି ସାଧନ ନିମନ୍ତେ ଆମେ ଇସ୍କନର ଆଶ୍ରୟ ନେବା ଉଚିତ୍ ।

**୧୬. କୁହାଯାଇଛି ଦୀକ୍ଷା ଗ୍ରହଣ କଲେ, ଗୁରୁଙ୍କର ଆଦେଶ ଏ ଜନ୍ମରେ ଏବଂ ଜନ୍ମ - ଜନ୍ମାନ୍ତର ଧରି ପାଳନ କରିବାକୁ ହେବ । ଆପଣ କଣ ତାହା ବିଶ୍ୱାସ କରନ୍ତି ? ଗୁରୁ ଗ୍ରହଣର ପ୍ରୟୋଜନୀୟତା ଅଛି କି ?**

ଉ: ହଁ ! ହଁ ! ଭଗବାନଙ୍କର ସେବା ଅନୁଶୀଳନ ଓ ପାରମାର୍ଥିକ ଶିକ୍ଷା ଲାଭ ପାଇଁ ଗୁରୁ ଗ୍ରହଣର ପ୍ରୟୋଜନ ଅଛି ।

**୧୭. ଭଗବାନ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ହରେକୃଷ୍ଣ ସଂକୀର୍ତ୍ତନ ଆନ୍ଦୋଳନ ପ୍ରଚାରରେ ଆପଣ ଗୁରୁଦେବଙ୍କୁ ସହାୟତା କରିବାକୁ ରାଜି ହେଲେ କାହିଁକି ?**

ଉ: ଶ୍ରୀଗୁରୁଦେବ ଶାସ୍ତ୍ର ଓ ଶ୍ରୀମନ୍ ମହାପ୍ରଭୁଙ୍କର ଶିକ୍ଷା ଅନୁସାରେ ଆଚାର ଓ ପ୍ରଚାର କାର୍ଯ୍ୟ କରୁଛନ୍ତି । ଗୁରୁଦେବଙ୍କର ଏହି ପ୍ରଚାର କାର୍ଯ୍ୟରେ ସାହାଯ୍ୟ କଲେ ମହାପ୍ରଭୁ ସନ୍ତୁଷ୍ଟ ହେବେ ।

**୧୮. ଯଦି ପ୍ରଚୁର ସେବା କାର୍ଯ୍ୟ ଥାଏ, ଦୀକ୍ଷା ଗ୍ରହଣର ପରେ ୧୬ମାଳାରୁ କମ୍ ଜପ କଲେ ଚଳିବ କି ? ଯଦି ୧୬ମାଳା ଜପ ସଂପୂର୍ଣ୍ଣ କରି ନ ପାରନ୍ତି ତେବେ କ'ଣ କରିବେ ?**

ଉ: ନାଁ, ଚଳିବନାହିଁ । ପରବର୍ତ୍ତୀ ଦିନ ଗୁଡ଼ିକରେ ତାହା ପୂରଣ କରିବାକୁ ପଡ଼ିବ ।

**୧୯. ଆପଣଙ୍କର ଜୀବନର ଅନ୍ତିମ ଲକ୍ଷ୍ୟ କ'ଣ ?**

ଉ: ମୋର ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି କୃଷ୍ଣ ପ୍ରେମ ଲାଭ କରିବା ।

**୨୦. ଦଶବିଧ ନାମ ଅପରାଧ କ'ଣ କ'ଣ ?**

ଉ: ଦଶ ଅପରାଧ ବିଷୟ ସୂଚୀ ଦେଖନ୍ତୁ ।